ଟିପ୍ପଣୀ

# ୨

# ଅପରେଟିଂ ସିଷ୍ଟମ୍
# Operating System

## ୨.୧ ଉପକ୍ରମ (Indtroduction)

ଆଜିକାଲିର ଅପେରେଟିଂ ସିଷ୍ଟମ ଚୈତିକ୍ର ମାଧ୍ୟମ ଦ୍ୱାରା ଆଦାନ ପ୍ରଦାନ (graphical user interface) (GUI) କରୁଅଛି । ଏଥିରେ ତୁମକୁ ସମସ୍ତ ନିର୍ଦ୍ଦେଶାବଳୀ ମନେରଖିବାର ଆବଶ୍ୟକତା ନଥାଏ । ନିର୍ଦ୍ଦେଶ ଗୁଡ଼ିକ ମନିଟର ପରଦାରେ ଚିତ୍ର (icons) ଆକାରରେ ଦୃଶ୍ୟମାନ ହୋଇଥାଏ । ବର୍ତ୍ତମାନ୍ ଉପଲବ୍ଧ ହେଉଥିବା ସବୁଠାରୁ ଲୋକପ୍ରିୟ ଅପରେଟିଂ ସିଷ୍ଟମ ହେଉଛି ୱିଣ୍ଡୋଜ୍ (Windows).

Windows 95, Windwos 98, windows 2000 ଏହିପରି ଭାବେ wondows operating system ଟି ସମୟ ସହିତ ବିକଶିତ ହୋଇଅଛି । ବର୍ତ୍ତମାନ windows XP, windows vista ଏବଂ windows 7 ର ବ୍ୟବହାର ହେଉଅଛି । ଏହି ପାଠ୍ୟକ୍ରମରେ ଆମେ windows XP ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକୁ ବର୍ଣ୍ଣନା କରିବା ।

## ୨.୨. ଉଦ୍ଦେଶ୍ୟ (objectives)

ଏହି ପାଠଟିର ଅଧ୍ୟୟନ ପରେ ତୁମେ:

- windows XP ର ବୈଶିଷ୍ଟ୍ୟ ବର୍ଣ୍ଣନା କରିପାରିବ
- ବିଭିନ୍ନ ପ୍ରକାରର icons ଏବଂ ସେମାନଙ୍କ ବୈଶିଷ୍ଟ୍ୟ ଗୁଡ଼ିକର ବର୍ଣ୍ଣନା କରିପାରିବ
- ନଥି ପରିଚାଳନାର ବ୍ୟାଖ୍ୟା କରିପାରିବ




## ୨.୩ Windows XP ର ମୌଳିକ ଉପାଦାନ

## ୨.୩.୧ କାର୍ଯ୍ୟପ୍ରକ୍ରିୟାର ଆରମ୍ଭ (Logging on)

କମ୍ପ୍ୟୁଟର ସିଷ୍ଟମ୍‌ରେ windows XP ଆରମ୍ଭ ହେବା ସମୟରେ, ଏହା log on to windows କିମ୍ବା to network (ଯଦି ସିଷ୍ଟମ୍‌ଟି କମ୍ପ୍ୟୁଟର ନେଟ୍‌ୱାର୍କର ଅଂଶ ହୋଇଥାଏ) ର log-in ପରଦା ଦେଖାଇଥାଏ।

log on ହେବାପାଇଁ ନିମ୍ନଲିଖିତ ଗୁଡ଼ିକୁ ବ୍ୟବହାର କରନ୍ତୁ

୧. Password ଦିଅନ୍ତୁ (ଯଦି ଏହା Password ସଂରକ୍ଷିତ)

୨. ବୋତାମଟିକୁ ଚାପ ଦେବା ବା Enter ବୋତାମକୁ ଚାପିବା




ଚିତ୍ର ୨.୨

## ୨.୪. XP Desktop ର ମୌଳିକ ଉପାଦାନ ଗୁଡ଼ିକ

**Start Menu**

Start ବୋତାମ ଉପରେ ଚାପ ଦେଲେ, windows କୁ ଆରମ୍ଭ ଓ ବ୍ୟବହାର କରିବାର ତାଲିକା (menu) ଓ ଏଥିରେ ଥିବା ସମସ୍ତ ବିକଳ୍ପ ଗୁଡ଼ିକ ପରଦାରେ ନିମ୍ନପରି ପ୍ରଦର୍ଶିତ ହୋଇଥାଏ। ଏହାଦ୍ୱାରା windows ର ବ୍ୟବହାର ଆରମ୍ଭ କରିହେବ।

ଟିପ୍ପଣୀ




ଚିତ୍ର ୨.୩

## ବିକଳ୍ପ ଗୁଡ଼ିକର Over view :

| (Task) କାର୍ଯ୍ୟ | (Description) ବର୍ଣ୍ଣନା |
|---|---|
| ସମସ୍ତ ପ୍ରୋଗ୍ରାମସ୍ (All programs) | • ସ୍ଥାପିତ (Installed) ପ୍ରୋଗ୍ରାମର ତାଲିକା ଦେଖାଇଥାଏ । ସେଗୁଡ଼ିକୁ ବ୍ୟବହାରକାରୀ ଆରମ୍ଭ ବା ବ୍ୟବହାର କରେ । |
| My document ମୋର ଡକ୍ୟୁମେଣ୍ଟ | • ବର୍ତ୍ତମାନ ବ୍ୟବହାର କରୁଥିବା ବ୍ୟବହାରକାରୀର ଡକ୍ୟୁମେଣ୍ଟ ତାଲିକା ଦେଖାଏ । |
| My Recent Documents ମୋର ରିସେଣ୍ଟ ଡକ୍ୟୁମେଣ୍ଟ | • ବ୍ୟବହାରକାରୀର ନିକଟ ଅତୀତରେ ବ୍ୟବହୃତ ଡକ୍ୟୁମେଣ୍ଟ ତାଲିକାକୁ ଦେଖାଏ । |
| (My picture) ମୋର ଚିତ୍ର | • ବ୍ୟବହାରକାରୀର ଚିତ୍ର ବା ଫଟୋର ତାଲିକା ଦେଖାଏ । |
| (My music) ମୋର ବାଦ୍ୟ | • ବ୍ୟବହାରକାରୀର ବାଦ୍ୟ ଓ ସଂଗୀତର ତାଲିକାକୁ ଦେଖାଏ । |

| | |
|---|---|
| (Control panel) ନିୟନ୍ତ୍ରଣ ପ୍ୟାନେଲ | • ଦରକାରି ଜିନିଷର ତାଲିକା ଦେଖାଇବା ଯଥା କମ୍ପ୍ୟୁଟରେ ସିଷ୍ଟମର ବାହ୍ୟ ଗଠନ ଏବଂ install software ଓ Hardware. |
| (Printers and Faxes) ପ୍ରିଣ୍ଟର ଓ ଫ୍ୟାକ୍ସ | • କମ୍ପ୍ୟୁଟର ସିଷ୍ଟମରେ install ହୋଇଥିବା printers ଏବଂ faxes ର ତାଲିକା ପ୍ରଦର୍ଶନ କରିଥାଏ। |
| (Help and support) ସାହାଯ୍ୟ ଓ ସହଯୋଗ | • Windows ରେ କିପରି କାର୍ଯ୍ୟ କରିବ, ଖୋଜି ବାହାର କରିବାକୁ XP ର ସାହାଯ୍ୟ (help) ଓ ସହଯୋଗ (support) ଆରମ୍ଭ କରିଥାଏ। |
| (Search) ଖୋଜିବା | • ବ୍ୟବହାରକାରୀ ଦ୍ୱାରା ବ୍ୟବହୃତ ବର୍ତ୍ତମାନ ବ୍ୟବହାର file, folder ଓ ଅନ୍ୟ Network computer ଏବଂ shared resources ଗୁଡ଼ିକରୁ ଖୋଜି ଏକ document ତାଲିକା ପ୍ରଦର୍ଶନ କରିବାରେ ସାହାଯ୍ୟ କରେ। |
| (Run) ଚାଲୁ | • ପ୍ରୟୋଗାତ୍ମକ ପ୍ରୋଗ୍ରାମର ଆରମ୍ଭ କିମ୍ବା DOS ନିର୍ଦ୍ଦେଶର କାର୍ଯ୍ୟ। |
| Log off | • ବର୍ତ୍ତମାନ system ରେ login ଥିବା users କୁ log off କରିବା। |
| Turn of computer କମ୍ପ୍ୟୁଟର ବନ୍ଦ | • ବର୍ତ୍ତମାନ ଖୋଲାଥିବା ପ୍ରୋଗ୍ରାମକୁ ବନ୍ଦ କରେ, ବର୍ତ୍ତମାନ User ର log off ଓ କମ୍ପ୍ୟୁଟର ସିଷ୍ଟମକୁ ବନ୍ଦ କରିବ। |

ଟିପ୍ପଣୀ

### କାର୍ଯ୍ୟ ଦଣ୍ଡ (Task Bar)

ତୁମେ ଯେତେବେଳେ କମ୍ପ୍ୟୁଟରଟି ଆରମ୍ଭ କରିବ, ତେବେ start ଏବଂ Task bar ପରଦାର ତଳଭାଗରେ ଦେଖାଯାଏ ଏବଂ ଯେଉଁ ସମୟ ପର୍ଯ୍ୟନ୍ତ wondows ଚାଲୁଥାଏ, ସେ ଯାଏଁ ଏହା ବିନା ବ୍ୟତିକ୍ରମରେ  ସେହିଠାରେ ବିଦ୍ୟମାନ ଥାଏ।

ଯେତେବେଳ ପର୍ଯ୍ୟନ୍ତ ପ୍ରୋଗ୍ରାମଟି ଚାଲୁଥାଏ କିମ୍ବା window ଖୋଲା ରହିଥାଏ, ସେହି ପୋଗ୍ରାମର icons ଟି Taskbar ରେ ବିଦ୍ୟମାନ ରହେ। Windows କିମ୍ବା ପୋଗ୍ରାମ ମଧ୍ୟରେ ଏପଟ ସେପଟ ହେବାପାଇଁ କାର୍ଯ୍ୟ ଦଣ୍ଡ ଉପରେ ବିଦ୍ୟମାନ ରହି ଦର୍ଶାଉଥିବା ଚିତ୍ର (icons) କୁ ଚାପନ୍ତୁ (click କରନ୍ତୁ) ଯେତେବେଳେ ପୋଗ୍ରାମ ବା window ଟି ବନ୍ଦ ହୋଇଥାଏ, ସେହି ସମୟଠାରୁ ଚିତ୍ର (icons) ଟି କାର୍ଯ୍ୟଦଣ୍ଡ ରୁ ଅପସରି ଯାଏ।




ଚିତ୍ର : ୨.୪

### ପୋଗ୍ରାମର ଆରମ୍ଭ (Start a program)

ପୋଗ୍ରାମ ଆରମ୍ଭ କରିବା ପାଇଁ ନିମ୍ନଲିଖିତ ଗୁଡ଼ିକୁ କରନ୍ତୁ:

୧.   ସଚଳ ବେତାମ (start buttom) ଉପରେ ଚାପ (click) ଦିଅନ୍ତୁ।

୨.   ସମସ୍ତ ପୋଗ୍ରାମ (All programs) ଉପରେ click କରନ୍ତୁ।

୩.   ଇଛିତ ଫୋଲଡ଼ର (folder) ଟିକୁ ନିର୍ଦ୍ଦେଶ କରନ୍ତୁ ଯଥା–





"ଆବଶ୍ୟକ ଉପାଦାନ (Accesories) " ଏବଂ ଇଛିତ ପୋଗ୍ରାମଟି ବାଛି ଚଳନ କରନ୍ତୁ ଯେପରିକି "ଚିତ୍ର କରିବା ଓ ରଙ୍ଗଦେବା (paint)"

**ପୋଗ୍ରାମ ବନ୍ଦ କରିବା (Quitting a program )**


ପୋଗ୍ରାମ ବନ୍ଦ କରିବାକୁ winodw ର ଉପର ଦକ୍ଷିଣ କୋଣରେ ଥିବା ବନ୍ଦ ବୋତାମ (X) କୁ ବାଛନ୍ତୁ କିମ୍ୱା file menu (ନଥି ତାଲିକା) ରେ ଚିପନ୍ତୁ (click) ଏବଂ ବନ୍ଦ (close) ବିକଳ୍ପଟିକୁ ବାଛନ୍ତୁ।

**ସାହାଯ୍ୟ ପାଇବା (Getting Help)**

Windows ର ବ୍ୟବହାର ଓ ଶିକ୍ଷା ପାଇଁ online help and support ର ସାହାଯ୍ୟ ଯୋଗାଇ ଦିଆଯାଇଥାଏ। ଜଣେ ଏକ ନିର୍ଦ୍ଦିଷ୍ଟ ବିଷୟରେ କରୁଥିବା କାର୍ଯ୍ୟ ଉପରେ ସାହାଯ୍ୟ ନେଇପାରିବ, ସାହାଯ୍ୟ (Help) ଆରମ୍ଭ କରିବାକୁ

- ସଚଳ ବୋତାମ ଉପରେ ଋପ ଦିଅନ୍ତୁ।
- "Help and Tutorial" ବିକଳ୍ପ ଉପରେ ଋପ ଦିଅନ୍ତୁ

Help and support ବିଷୟ ଏବଂ online tutorial ର ତାଲିକାଟି ପରଦା ଉପରେ ଦୃଶ୍ୟମାନ ହେବ। ଇଚ୍ଛିତ ସୂଚନାକୁ ବିଭିନ୍ନ ଉପାୟରେ ଖୋଜିବା ପାଇଁ କେହି ବି ପରଦାରେ ଥିବା Tabs କୁ ବ୍ୟବହାର କରି ପାରିବ।




ଚିତ୍ର : ୨.୫

- ବିଷୟ କିମ୍ବା କାର୍ଯ୍ୟ ଉପରେ ଚପନ୍ତୁ, ଏହା ଉପରେ ଅଧିକ ଜାଣିବା ଓ କାର୍ଯ୍ୟ କରିବାକୁ ବା ଖୋଜୁଥିବା ଶବ୍ଦକୁ ଲେଖନ୍ତୁ ଏବଂ ନିର୍ଦ୍ଦିଷ୍ଟ ସାହାଯ୍ୟ ନିଅନ୍ତୁ।
- ନିର୍ଦ୍ଦିଷ୍ଟ ବିଷୟରେ ଅକ୍ଷର ଅନୁସାରେ ତାଲିକା ହୋଇଥିବା 'Index' tab କୁ ଚିହ୍ନିତ କରି ଚିପନ୍ତୁ ଏବଂ ପରଦାରେ ପ୍ରଦର୍ଶିତ ହେଉଥିବା ନିର୍ଦ୍ଦେଶ ଗୁଡ଼ିକୁ ଅନୁସରଣ କରନ୍ତୁ।
- "Favourites" tab ରେ ଦବାଇ ସାହାଯ୍ୟ ବିଷୟ ଯୋଗ କରନ୍ତୁ, ଯାହା ତୁମ ଫେବରାଇଟ୍ ତାଲିକାରୁ ଫଳ ଖୋଜିବା ଏବଂ ସେଗୁଡ଼ିକୁ ଭବିଷ୍ୟତରେ ସହଜରେ ଚିହ୍ନିତ କରିବାରେ ସହଜ ହୋଇଥାଏ।
- ନିକଟ ଅତିତରେ ପଢ଼ିଥିବା ପୃଷ୍ଠାଗୁଡ଼ିକର "History" ସାହାଯ୍ୟ ଓ ସହାୟତା ତାଲିକାକୁ ଚିପନ୍ତୁ।
- ବିଭିନ୍ନ ପ୍ରକାରର online ସହାୟତା ପାଇଁ "support" ରେ ଚିପନ୍ତୁ ଯେପରିକି Microsoft online support, menus group on windows.
- "option" ରେ ଚିପି ସାହାଯ୍ୟ ଏବଂ ସହାୟତା କେନ୍ଦ୍ରକୁ ତୁମର ଇଛା ଅନୁସାରେ ଗଠନ କର।

Windows ର ଉପର ଦକ୍ଷିଣ କୋଣରେ ଥିବା ବନ୍ଦ ବୋତାମ (x) ବାଛି ସାହାଯ୍ୟ ଏବଂ ସହାୟତା (Help & support) windows କୁ ବନ୍ଦ କରାଯାଏ।

## ନଥି ଏବଂ ଫୋଲ୍ଡ଼ରକୁ ଠାବ କରିବା (Locating files and folders)

ଯଦି ତୁମେ ଜାଣି ନାହିଁ ଯେ Document କିମ୍ବା Folder ଟି କେଉଁଠାରେ ଅଛି ତେବେ ତୁମେ ଖୋଜି ନିକଟ ଗଚ୍ଛିତ ଯାଗାରୁ ଠାବ କରିପାରିବ ଯେପରିକି, Hard disk, CD କିମ୍ବା network drive (ଯଦି system ଟି Network ର ଏକ ଅଂଶ) ଖୋଜିବା ପାଇଁ ଯୋଗାଇ ଦିଆଯାଇଥିବା Indexing ବ୍ୟବସ୍ଥାଟି ତୁମ କମ୍ପ୍ୟୁଟରର ସମସ୍ତ ନଥିର Index କୁ ପରିଚାଳନା କରିଥାଏ ଓ ଖୋଜିବାକୁ ଦୃତଗାମି କରିଥାଏ।

### ଏକ ନଥି କିମ୍ବା ଫୋଲଡ଼ର ଖୋଜିବାକୁ :

୧. **Start** ଏବଂ **Search** ରେ ଚିପନ୍ତୁ।


୨. windows ର ବାମ ପାଖରୁ **All files and folder** ଟିକୁ ବାଛନ୍ତୁ।

୩. ନଥି କିମ୍ବା ଫୋଲଡ଼ର ନାମର କିଛି ଅଂଶ କିମ୍ବା ପୁରାଅଂଶ ଲେଖନ୍ତୁ, କିମ୍ବା ଏକ ଶବ୍ଦ କିମ୍ବା ସଂକ୍ଷିପ୍ତ ଶବ୍ଦ ସମଷ୍ଟି ଲେଖନ୍ତୁ ଯେଉଁଟା ଖୋଜା ହେବାକୁ ଥିବା ନଥିରେ ଥିବ।

୪. ଯଦି ତୁମେ କୌଣସି ସୂଚନା ଜାଣିନାହଁ, ଅବଶିଷ୍ଟ ବିକଳ୍ପରୁ ଗୋଟେ କିମ୍ବା ଅଧିକ ବାଛନ୍ତୁ।

   - **Look in** ରେ ତୁମେ ଖୋଜୁଥିବାର drive, Folder କିମ୍ବା Network କୁ ଚିପନ୍ତୁ।

ଟିପ୍ପଣୀ





**ଚିତ୍ର : ୨.୬**

- ନଥିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ତାରିଖରେ ତିଆରି କିମ୍ବା ପରିବର୍ତ୍ତନ ହୋଇଥିବାକୁ ଦେଖିବା ପାଇଁ **"when was it modified"** ରେ ଚିପନ୍ତୁ।
- ଏକ ନିର୍ଦ୍ଦିଷ୍ଟ ଆକାରର ନଥିଗୁଡ଼ିକୁ ଦେଖିବା ପାଇଁ **"What size is it"** ରେ ଚିପି ଆକାର ବାଛନ୍ତୁ।
- ଅଧିକ ଖୋଜା ଲକ୍ଷଣ ଗୁଡ଼ିକ ଚିହ୍ନିତ କରିବୁ **"More advanced option"** ରେ ଚିପନ୍ତୁ।

୫. ତୁମେ ଖୋଜା ଲକ୍ଷଣକୁ ଚିହ୍ନିତ କରିବା ପରେ ନଥିକୁ ଠାବ କରିବାକୁ Search ରେ ଚିପନ୍ତୁ। ସେହିପରି ଭାବରେ ତୁମେ ଏକ ନିର୍ଦ୍ଦିଷ୍ଟ ସୂଚନା Internet ରେ ଖୋଜିପାରିବ, କିମ୍ବା ଲୋକମାନେ ତୁମ ଠିକଣା ବହିରେ ତୁମ Network ରେ ଥିବା Printer କିମ୍ବା computer ଖୋଜି ପାରିବେ।

## (Changing system setting) ସିଷ୍ଟମ ବ୍ୟବସ୍ଥାର ପରିବର୍ତ୍ତନ

Control panel ରେ ଥିବା ଯନ୍ତ୍ରଗୁଡ଼ିକ ବ୍ୟବହାର କରି ତୁମେ windows ର ଦୃଷ୍ଟିପାତ ଏବଂ କାର୍ଯ୍ୟକୁ ଆବଶ୍ୟକ ଅନୁସାରେ କରିପାରିବ ! ତୁମେ ମଧ୍ୟ ନୂଆ Hardware ଓ Software ପୋଗ୍ରାମ କୁ install /uninstall ପରିପାରିବ, ତୁମ Desktop ର ଦୃଷ୍ଟିପାତ ଏବଂ ଅନୁଭବର ପରିବର୍ତ୍ତନ ଏବଂ ବହୁତ କିଛି



ଟିପ୍ପଣୀ

କରିପାରିବ। ଏହା ମଧ୍ୟ କେତେକ ପ୍ରଶାସନ ଯନ୍ତ୍ରକୁ ପ୍ରଶାସନ ଯନ୍ତ୍ର ବିକଳ୍ପରେ ରଖିଥାଏ। windows ର ଭଲ ପ୍ରଶାସନ ପାଇଁ ଯେପରିକି ବ୍ୟବହାର ପରିଚାଳନା, Event viewer, component service ଇତ୍ୟାଦି, conrol panel ଆରମ୍ଭ କରି ଏଥିରେ ଥିବା ଯନ୍ତ୍ରକୁ ବ୍ୟବହାର କରିବା ପାଇଁ ନିମ୍ନଲିଖିତ ଗୁଡ଼ିକୁ କରନ୍ତୁ।


- "start" ରେ ଟିପନ୍ତୁ।
- "Control panel" ରେ ଟିପନ୍ତୁ।
- ବ୍ୟବହାର କରିବାକୁ ଥିବା ଯନ୍ତ୍ରକୁ ବାଛନ୍ତୁ।

ଉଦାହରଣସ୍ୱରୂପ ଏକ ନୂଆ କିମ୍ବା ଉପଲବ୍ଧ ଥିବା। User ର ଯୋଜନା ବଦଳାଇବାକୁ control panel ରେ ଥିବା "User Account" ଚିତ୍ରରେ ଟିପନ୍ତୁ।

## ମୋ କମ୍ପ୍ୟୁଟରର ବ୍ୟବହାର (Using my computer)

ମୋ କମ୍ପ୍ୟୁଟର Floppy, hard Disk, CD-Rom ଏବଂ Network drive ର ବିଷୟବସ୍ତୁକୁ ପ୍ରଦର୍ଶନ କରାଇଥାଏ। ଜଣେ ମଧ୍ୟ ଖୋଲାଥିବା ଫାଇଲ୍ ଏବଂ ଫୋଲଡ଼ର ଗୁଡ଼ିକୁ ଖୋଜିପାରିବ ଏବଂ ନିୟନ୍ତ୍ରଣ ପ୍ୟାନେଲରେ ଥିବା ବିକଳ୍ପ ଗୁଡ଼ିକ ବ୍ୟବହାର କରି କମ୍ପ୍ୟୁଟର ଯୋଜନା ଗୁଡ଼ିକୁ ବଦଳାଇ ପାରିବ।

- ମୋ କମ୍ପ୍ୟୁଟର ବ୍ୟବହାର କରିବାକୁ **"start"** ଏବଂ **"My computer"** ଚିପନ୍ତୁ।




ଚିତ୍ର : ୨.୭


ଟିପ୍ପଣୀ

### ଗଚ୍ଛିତ ବିଷୟ ବସ୍ତୁର ପ୍ରଦର୍ଶନ

- ତୁମ Hard disk ରେ କ'ଣ ଅଛି ଦେଖିବାକୁ , **Hard disk drive** ଅଧିନରେ ଥିବା drives କୁ ଯେପରି C:,D: ଇତ୍ୟାଦିକୁ ଦୁଇଥର ଚିପନ୍ତୁ ।
- CD-Rom କିମ୍ବା ଅନ୍ୟ ମେଡ଼ିଆ ମଧ୍ୟରେ ଖୋଲାଯାଇ ପାରୁଥିବା ନଥି କିମ୍ବା ଫୋଲଡ଼ର ଖୋଜିବା ପାଇଁ ତୁମେ ଚାହୁଁଥିବା ଗଚ୍ଛିତ ମେଡ଼ିଆକୁ ଦୁଇଥର ଚିପନ୍ତୁ ।
- ଏହି କମ୍ପ୍ୟୁଟରରେ ଗଚ୍ଛିତ ଥିବା ନଥିଗୁଡ଼ିକ ମଧ୍ୟରୁ ତୁମେ ଖୋଜୁଥିବା ନଥିର ଫୋଲଡ଼ରଟିକୁ ଦୁଇଥର ଚିପନ୍ତୁ ।

### ୨.୫ Windows ରେ ନଥି ପରିଚାଳନା

Window explorer କିମ୍ବା ମୋ କମ୍ପ୍ୟୁଟର ଦ୍ୱାର window ରେ ନଥି ପରିଚାଳନା କରାଯାଇପାରେ । ତୁମେ କମ୍ପ୍ୟୁଟରରେ windows explorer, ନଥି, folder ଏବଂ ଗଚ୍ଛିତ drives (ଦୁଇଟି ଯାକ ସଂଲଗ୍ନ ଏବଂ ଅପସାରଣ ଯୋଗ୍ୟ) ଗୁଡ଼ିକର ଶ୍ରେଣୀବଦ୍ଧ ତାଲିକାକୁ ପ୍ରଦର୍ଶିତ କରାଇଥାଏ । ଏହା ମଧ୍ୟ ତୁମ କମ୍ପ୍ୟୁଟରରେ ଯେକୌଣସି Network drive ଗୁଡ଼ିକୁ ତାଲିକାଭୁକ୍ତ କରିଥାଏ ଯାହା drive ଅକ୍ଷର ପରି ଚିତ୍ରିତ ହୋଇଥାଏ । windows explorer କୁ ନଥି ଏବଂ ଫୋଲଡ଼ର ଗୁଡ଼ିକର copy, move, rename ଏବଂ search ପାଇଁ ବ୍ୟବହୃତ ହୋଇପାରେ । ଉଦାହରଣ ସ୍ୱରୂପ ନଥି କପି କରିବାକୁତୁମେ ଏକ ଫୋଲଡ଼ର ଖୋଲିପାରିବ ଯାହାକି କପି କିମ୍ବା Move ହେବାକୁ ଥିବା ନଥିକୁ ରଖିଥାଏ ଏବଂ ଏହାକୁ ଲକ୍ଷ୍ୟସ୍ଥଳ Folder କିମ୍ବା drives ରେ drag ଏବଂ drop କରିଥାଏ ।




ଚିତ୍ର : ୨.୮


ଯେତେବେଳେ ନଥି କିମ୍ବା ଫୋଲଡ଼ର ଗୁଡ଼ିକ Hard disk ରୁ ହଟାଯାଏ, Windows ସେଗୁଡ଼ିକୁ Recycle Bin (ବର୍ଜ୍ୟ ଉପଯୋଗୀ ବାକ୍ସ)ରେ ରଖିଥାଏ। Recycle Bin ଖାଲି ନ ହେବା ଯାଏ ସେଗୁଡ଼ିକୁ ପୁନ୍ନରୁଦ୍ଧାର କରାଯାଇପାରେ। ଅପସାରଣ ଯୁକ୍ତ ଗଚ୍ଛିତ ମେଡ଼ିଆ ଯେପରିକି Network drive ରୁ ହଟାଯାଇଥିବା ନଥି କିମ୍ବା ଫୋଲଡ଼ର ଗୁଡ଼ିକ Recycle Bin କୁ ନ ଯାଇ ସ୍ଥାୟୀ ଭାବେ ହଟିଯାଇଥାଏ।

ଟିପ୍ପଣୀ

### ୨.୫.୧. Windows explorer ର ବ୍ୟବହାର

**Windows explorer ଖୋଲିବାକୁ;**


- **Start** ରେ ଚିପନ୍ତୁ
- **All programs** କୁ ନିର୍ଦ୍ଦେଶ କରନ୍ତୁ
- **Accessories** କୁ ନିର୍ଦ୍ଦେଶ କରନ୍ତୁ ଏବଂ ଏହାପରେ **Windows explorer** କୁ ଚିପନ୍ତୁ। ମୋ ଡ଼କ୍ୟୁମେଣ୍ଟ ବ୍ୟବହାର କରି ନଥି କିମ୍ବା ଫୋଲଡ଼ରକୁ କପି  କିମ୍ବା ମୁଭ୍ କରନ୍ତୁ।
- **Start** ଏବଂ ଏହା ପରେ ମୋ ଡ଼କୁମେଣ୍ଟରେ ଚିପନ୍ତୁ




ଚିତ୍ର : ୨.୯


ଟିପ୍ପଣୀ

- କପି ହେବାକୁ ଥିବା ନଥି କିମ୍ବା ଫୋଲ୍ଡ଼ରକୁ ଚିପନ୍ତୁ । ଏକରୁ ଅଧିକ ନଥି କିମ୍ବା ଫୋଲ୍ଡ଼ରକୁ ଏକ ସଙ୍ଗରେ କପି କରାଯାଇପାରେ ।




**ଚିତ୍ର : ୨.୧୦**

- ଏକରୁ ଅଧିକ ନଥି କିମ୍ବା ଫୋଲ୍ଡ଼ର ବାଛିବାକୁ, ପ୍ରଥମ ନଥି କିମ୍ବା ଫୋଲ୍ଡ଼ର ଚିପନ୍ତୁ ଏବଂ Shift ବୋତାମକୁ ଚିପି ଧରି ରଖନ୍ତୁ ଓ ଏହା ପରେ ଅନ୍ୟ ନଥି କିମ୍ବା ଫୋଲ୍ଡ଼ରକୁ ଚିପନ୍ତୁ ।
- ପାଖାପାଖି ନଥିବା ନଥି କିମ୍ବା ଫୋଲ୍ଡ଼ରକୁ ବାଛିବାକୁ, CTRL ବୋତାମକୁ ଦବାଇ ଧରି ରଖନ୍ତୁ ଓ ଏହାପରେ କପି ହେବାକୁ ଥିବା ନଥି କିମ୍ବା ଫୋଲ୍ଡ଼ରକୁ ଚିପନ୍ତୁ ।
- **Edit** ମଧ୍ୟରୁ **Copy** କୁ ବାଛନ୍ତୁ ।
- ଲକ୍ଷ୍ୟ ସ୍ଥଳ drive କିମ୍ବା ଫୋଲ୍ଡ଼ରକୁ ବାଛନ୍ତୁ, ଯେଉଁଠାକୁ ତୁମେ ନଥି ଗୁଡ଼ିକୁ Copy କରିବାକୁ ଚାହୁଁଛ ।
- **Edit** ମଧ୍ୟରୁ **Paste** ଟିକୁ ବାଛନ୍ତୁ, ଗଚ୍ଛିତ ନଥି କିମ୍ବା ଫୋଲ୍ଡ଼ରକୁ ଲକ୍ଷ୍ୟ ସ୍ଥଳ drive ରେ Copy କରିବା ପାଇଁ ।




ଚିତ୍ର : ୨.୧୧

## ୨.୫.୨ (View File details) ନଥି ସବିଶେଷ ପ୍ରର୍ଦଶନ

୧. **Start** ଚିପନ୍ତୁ ଏବଂ ଏହାପରେ ମୋ ଡ଼କୁମେଣ୍ଟ ଚିପନ୍ତୁ।

୨. ଫୋଲଡ଼ର ଭିତରେ ଥିବା ନଥି ଗୁଡ଼ିକୁ ଦେଖିବାକୁ, ଫୋଲଡ଼ରଟିକୁ ଦୁଇଥର ଚିପନ୍ତୁ।


୩. **View** ତାଲିକାରୁ **Details** କୁ ଚିପନ୍ତୁ।

୪. ଏହା ନଥି ଗୁଡ଼ିକୁ ବିସ୍ତାର କରି ଦେଖାଇବ, ଯେପରିକି ନାମ, ପ୍ରକାର, ଆକାର ଇତ୍ୟାଦି।

## ୨.୫.୩ Explorer ବ୍ୟବହାର କରି ନଥିକୁ Copy ଏବଂ ଚଳନ କରିବ।

- **Start** ଚିପନ୍ତୁ, **All programs** କୁ ଚିହ୍ନିତ କରନ୍ତୁ, **Accessories** କୁ ଚିହ୍ନିତ କରନ୍ତୁ ଏବ **Windows Explorer** କୁ ଚିପନ୍ତୁ।
- ନିଶ୍ଚିତ ହୁଅନ୍ତୁ, ଯେ ତୁମେ ନେବାକୁ ଚାହୁଁଥିବା ନଥି କିମ୍ବା ଫୋଲଡ଼ରର ଗନ୍ତବ୍ୟସ୍ଥଳଟି ଦର୍ଶନୀୟ ଅଛି।

ଟିପ୍ପଣୀ




**ଚିତ୍ର : ୨.୧୨**

- ନଥି କିମ୍ବା ଫୋଲ୍ଡ଼ରଟିକୁ ଗନ୍ତବ୍ୟ ସ୍ଥାନକୁ ଘୋଷାରି ନିଅନ୍ତୁ ।
- ଯଦି ତୁମେ ମାଉସ୍‌ର ଦକ୍ଷିଣ ବୋତାମକୁ ଚିପି ଜିନିଷଟିକୁ ଘୋସାର ତାହା ହେଲେ ତୁମେ ନୂତନ ସ୍ଥାନରେ ଏହାର Move, Copy କିମ୍ବା Create shortcut କରି ପାରିବ ।
- Move ନ କରି Copy କରିବାକୁ ହେଲେ, ଘୋଷାରିବା ସମୟରେ CTRL କୁ ଦବାଇ ଧରନ୍ତୁ ।
- ଯଦି ଏକ ଜିନିଷଟିକୁ ଘୋସାରି ଅନ୍ୟ disk କୁ ନେଇଥାଅ ତେବେ ଏହା Move ପରିବର୍ତ୍ତ Copy ହୋଇଥାଏ ।
- Move କରିବା ପାଇଁ ଘୋସାରିବା ସମୟରେ Shift କୁ ଦବାଇ ଧରି ରଖ ।
- ଗୋଟେ ପୋଗ୍ରାମକୁ ନୂତନ ସ୍ଥାନକୁ ଘୋସାରିଲେ ଏହାର Shortcut ତିଆରି ହୋଇଥାଏ । ପୋଗ୍ରାମ ଚଳନ କରିବାକୁ ଦକ୍ଷିଣ ଚାପ ଦିଅ ଏବଂ ଏହାପରେ ପୋଗ୍ରାମକୁ ଘୋସାରି ନୂଆ ସ୍ଥାନକୁ ନିଅ । ତୁମେ ନିଶ୍ଚିନ୍ତ ଭାବେ ପୋଗ୍ରାମ ଚଳନ କରିବା ପାଇଁ Administrator ରୂପେ log on ହେବା ଦରକାର ।

### ୨.୫.୪ (Create a New Folder) ନୂତନ ଫୋଲ୍ଡ଼ର ତିଆରି

୧. Start ଚିପନ୍ତୁ ଏବଂ ଏହାପରେ ମୋ ଡ଼କ୍ୟୁମେଣ୍ଟ ଚିପନ୍ତୁ ।

୨. File ଭିତରେ ଥିବା New ଚିପନ୍ତୁ ଏବଂ Folder ବାଛନ୍ତୁ ।

୩. ଏକ ନୂଆ ଫୋଲ୍ଡ଼ର ଦର୍ଶିତ ହେବ ଯାହାର ନାମଥିବ New Folder ।

୪. New Folder ପାଇଁ ଏକ ନାମ ଲେଖ ଏବଂ ଏହା ପରେ Enter ଚିପ ।

୫. ଏକ ନୂଆ ଫୋଲଡ଼ର window ର ଖାଲିସ୍ଥାନ କିମ୍ବା Desk top ରେ ଦକ୍ଷିଣ ଚାପ କରି New କୁ ନିର୍ଦ୍ଦେଶକରି ଏବଂ ଏହାପରେ Folder କୁ ଚିପି ମଧ୍ୟ ତିଆରି କରାଯାଇପାରେ ।

ଟିପ୍ପଣୀ

### ୨.୫.୫ (Rename a File or Folder) ନଥି କିମ୍ବା ଫୋଲଡ଼ରକୁ ପୁନଃ ନାମ ଦେବା

୧. Start ଚିପନ୍ତୁ ଏବଂ ଏହାପରେ ମୋ ଡ଼କ୍ୟୁମେଣ୍ଟ ଚିପନ୍ତୁ ।

୨. ପୁନଃ ନାମ ଦେବାକୁ ଥିବା ନଥି କିମ୍ବା ଫୋଲଡ଼ରକୁ ଚିପନ୍ତୁ ।

୩. File ଭିତରେ ଥିବା Rename ଚିପନ୍ତୁ ।

୪. ନୂଆ ନାମ ଲେଖନ୍ତୁ ଏବଂ ଏହାପରେ Enter ବୋତାମ ଦବାନ୍ତୁ ।

- ନଥି କିମ୍ବା ଫୋଲ୍ଡ଼ର ଉପରେ ଦକ୍ଷିଣ ଚାପ ଏବଂ ଏହାପରେ Rename ରେ ଚିପି ପୁନ ନାମ ମଧ୍ୟ କରାଯାଇପାରେ ।

### ୨.୫.୬ (Delete a file or folder) ନଥି କିମ୍ବା ଫୋଲ୍ଡ଼ର ହଟାଇବା

୧. Start ଚିପନ୍ତୁ ଏବଂ ଏହାପରେ ମୋ ଡ଼କ୍ୟୁମେଣ୍ଟ ଚିପନ୍ତୁ ।

୨. ତୁମେ ହଟାଇବାକୁ ଚାହୁଁଥିବା ନଥି କିମ୍ବା ଫୋଲଡ଼ର ଉପରେ ଚିପନ୍ତୁ ।

୩. File ଭିତରେ ଥିବା Delete କୁ ଚିପନ୍ତୁ ।


୪. ନଥି କିମ୍ବା ଫୋଲ୍ଡ଼ର ଉପରେ ଦକ୍ଷିଣ ଚାପ କରି ଏବଂ ଏହାପରେ Delete କୁ ଚିପି ନଥି କିମ୍ବା ଫୋଲଡ଼ର କୁ ମଧ୍ୟ ହଟାଯାଇପାରେ ।

୫. ହଟା ଯାଇଥିବା ନଥି କିମ୍ବା ଫୋଲଡ଼ର ଗୁଡ଼ିକ ବର୍ଯ୍ୟ ଉପଯୋଗୀ ବାକ୍ସ (Recycle Bin) ରେ ଗଚ୍ଛିତ ରହେ, ଯେ ପର୍ଯ୍ୟନ୍ତ ସେଗୁଡ଼ିକ ସ୍ଥାୟୀଭାବେ Recycle Bin ରୁ ହଟା ନଯାଏ, ଏହା ସେହିଠାରେ ଥାଏ ।

୬. ହଟା ଯାଇଥିବା ନଥି କୁ ଉଦ୍ଧାର କରିବାକୁ Desk top ରେ ଥିବା Recycle Bin ଚିତ୍ର ଉପରେ ଦୁଇଥର ଚିପନ୍ତୁ, ଉଦ୍ଧାର ହେବାକୁ ଥିବା ନଥି ଉପରେ ଦକ୍ଷିଣ ଚାପ କରନ୍ତୁ ଏବଂ ଏହାପରେ Restore ଚିପନ୍ତୁ ।

୭. ସ୍ଥାୟୀ ଭାବେ ହଟାଇବାକୁ Shift କୁ ଦବାଇ ଧରନ୍ତୁ ଏବଂ ଏହାକୁ Recycle Bin କୁ ଘୋଷାରି ନିଅନ୍ତୁ ।


ଟିପ୍ପଣୀ




ଚିତ୍ର : ୨.୧୩

## ୨.୬ ହାର୍ଡ଼ୱେୟାର /ସଫ୍ଟୱେୟାର ସ୍ଥାପନ **(Install Software / Hardware)**

ନୂଆ Software install କରିବା ପାଇଁ window ଏକ ଶୀଘ୍ର ଏବଂ ସରଳ ପଦ୍ଧତି ଯୋଗାଇଥାଏ। Control panel ର ଯୋଗ କିମ୍ବା ବିୟୋଗ program utility computer system ର ପୋଗ୍ରାମ ଏବଂ ଉପାଦାନ ଗୁଡ଼ିକର ପରିଚ୍ଛଳନାରେ ସାହାଯ୍ୟ କରିଥାଏ। ଏହାକୁ ବ୍ୟବହାର କରି ଜଣେ software package ଯେପରିକି Microsoft word କିମ୍ବା Access ଇତ୍ୟାଦି CD-ROM, କିମ୍ବା Network drive, କିମ୍ବା Add or remove windows updates ଏବଂ Internet ର ନୂଆ, ବୈଶିଷ୍ୟ କୁ Install କରିପାରେ। ମୂଳ Installations ରେ ଆସି ନଥିବା windows ଉପାଦାନଗୁଡ଼ିକୁ ମଧ୍ୟ ଏହା ଦ୍ୱାରା ଯୋଗ କିମ୍ବା ବିୟୋଗ କରାଯାଇଥାଏ।




ଚିତ୍ର : ୨.୧୪

ଟିପ୍ପଣୀ

### ୨.୬.୧ ସଫ୍ଟୱେୟାର ସ୍ଥାପନ (Install software)

- **Control Panel** ଚିପନ୍ତୁ
- **Add or Remove programs** କୁ ଦୁଇଥର ଚିପନ୍ତୁ।
- **Add New programs** କୁ ଚିପନ୍ତୁ ଏବଂ ଏହାପରେ ଉକ୍ତଟିକୁ ବାଛନ୍ତୁ ଯେଉଁଠାରେ Install ହେବାକୁ ଥିବା Software ଟି ଅବସ୍ଥିତ, ଯେପରିକି **CD** କିମ୍ବା **Floppy drive.**
- Software install କରିବା ପାଇଁ ପରଦାରେ ଥିବା ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କର।

### ୨.୬.୨ ସଫ୍ଟୱେୟାରର ପରିବର୍ତ୍ତନ ବା ଅପସାରଣ (Change or remove software)

୧. Start ଚିପନ୍ତୁ, Control panel ଚିପନ୍ତୁ।

୨. Add or Remove programs କୁ ଦୁଇଥର ଚିପନ୍ତୁ।

୩. Change or Remove program ଉପରେ ଚିପନ୍ତୁ ଏବଂ ଏହାପରେ ତୁମେ ପରିବର୍ତ୍ତନ ବା ଅପସାରଣ କରିବାକୁ ଚାହୁଁଥିବା ପୋଗ୍ରାମକୁ ବାଛନ୍ତୁ।

- ପୋଗ୍ରାମ ପରିବର୍ତ୍ତନ କରିବାକୁ, **Change** ବୋତାମ ଉପରେ ଚିପନ୍ତୁ।
- ପୋଗ୍ରାମ ହଟାଇବାକୁ , ବୋତାମ ଉପରେ ଚିପନ୍ତୁ।

### ୨.୬.୩ ୱିଣ୍ଡୋଜ୍ ଅପଡ଼େଟ୍‌ରୁ ନୂତନ ବୈଶିଷ୍ଟ ଗୁଡ଼ିକର ଯୋଗ (Add New Features from windows update)

୧. **Start** ଚିପନ୍ତୁ, **Control panel** ଚିପନ୍ତୁ।


୨. **Add or Remove programs** ଉପରେ ଦୁଇଥର ଚିପନ୍ତୁ।

୩. Windows update ଚିପନ୍ତୁ।

୪. ନୂଆ windows features କିମ୍ବା updates ଖୋଜି ଏବଂ install କରିବାକୁ ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରନ୍ତୁ।

### ୨.୬.୪ ୱିଣ୍ଡୋଜ୍ ଉପାଦାନଗୁଡ଼ିକର ଯୋଗ ବା ଅପସାରଣ (Add or remove a windows component)

Windows ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକୁ ବ୍ୟବହାର କରିବାକୁ, ବ୍ୟବହାରକାରୀ administrator କିମ୍ବା Administrative ଦଳ ରୂପେ log in ହେବ।




ଚିତ୍ର : ୨.୧୫

ଟିପ୍ପଣୀ


୧. **Start** ଚିପନ୍ତୁ, **Control panel** ଚିପନ୍ତୁ ।

୨. **Add or Remove programs** ଦୁଇଥର ଚିପନ୍ତୁ ।

୩. **Windows components wizard** ର ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

### ୨.୬.୫. ହାର୍ଡ଼ୱେୟାର ସ୍ଥାପନ (Install Hardware)

ତୁମକୁ ନୂଆ Hardware ଉପାଦାନ ଗୁଡ଼ିକ ଯେପରିକି Sound card, video card କିମ୍ବା Network card ଇତ୍ୟାଦି ତୁମ କମ୍ପ୍ୟୁଟରରେ ରଖିବାକୁ windows ସାହାଯ୍ୟ କରିଥାଏ ।




ଚିତ୍ର ୨.୧୬

୧. **Start** ଚିପନ୍ତୁ, **Control panel** ଚିପନ୍ତୁ ।

୨. **Add Hardware** ଦୁଇଥର ଚିପନ୍ତୁ ।

୩. ପରଦା ଉପରେ ଥିବା ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

## ପାଠଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଗୁଡ଼ିକ ପାଇଁ ଠିକ୍ କିମ୍ବା ଭୁଲ୍ ଲେଖ:

(କ) ହଟାଯାଇଥିବା ନଥି କିମ୍ବା ଫୋଲଡ଼ର ଗୁଡ଼ିକ ବର୍ଜ୍ୟଉପଯୋଗୀ ବାକ୍ସରେ ଗଛିତ ରହେ ।

(ଖ) Edit menu ମଧ୍ୟରେ ତୁମେ ନଥିର ପୁନଃନାମକରଣ କରିପାରିବ ।

(ଗ) ନୂଆ Software Install କରିବାକୁ windows ଶୀଘ୍ର ଏବଂ ସରଳ ଉପାୟ ଯୋଗଇଥାଏ ।

୨. ଶୂନ୍ୟସ୍ଥାନ ପୂରଣ କର ?

(କ) ନଥି ମଧ୍ୟରେ _________ ଚିପନ୍ତୁ ଏବଂ ଫୋଲ୍ଡ଼ର ବାଛନ୍ତୁ ।

(ଖ) ଯଦି ତୁମେ ଏକ ଜିନିଷକୁ ଘୋସାରିବ _________ ଦବାଇବା ସମୟରେ, ତୁମେ ନଥିର ଏକ short cut ତିଆରି କରିପାରିବ ।

(ଗ) ଯେତେବେଳେ ତୁମେ କମ୍ପ୍ୟୁଟରଟିକୁ ଆରମ୍ଭ କରିବ କାର୍ଯ୍ୟ ଦଣ୍ଡଟି ପରଦାର _________ ଦୃଶ୍ୟମାନ ହେବ ।

(ଘ) ଯେତେବେଳେ ନଥି କିମ୍ବା ଫୋଲ୍ଡ଼ର ଗୁଡ଼ିକ ହଟାଯାଏ _________ ରୁ, windows ସେଗୁଡ଼ିକୁ ବର୍ଯ୍ୟ ଉପଯୋଗୀ ବାକ୍ସରେ ଗଚ୍ଛିତ କରେ ।

(ଙ) ପାଖାପାଖି ନଥିବା ନଥି କିମ୍ବା ଫୋଲ୍ଡ଼ର ଗୁଡ଼ିକୁ ବାଛିବାକୁ ଦବାଅ ଏବଂ ଧରି ରଖ _________ ବୋତାମ ।

## ୨.୭ତୁମେ କ'ଣ ଶିଖିଲ ?

ଏହି ପାଠରେ ତୁମେ Windows XP ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ବିଷୟରେ ଶିଖିଲ । ବର୍ତ୍ତମାନ ତୁମେ Windows explorer କୁ ବ୍ୟବହାର କରି ନଥି କିମ୍ବା ଫୋଲ୍ଡ଼ର ଠାବ ଏବଂ ପରିଚାଳନା କରିପାରିବ । ଅଧିକନ୍ତୁ ତୁମେ software ଏବଂ Hardware କୁ System ରେ install କରିପାରିବ । ତୁମେ ମଧ୍ୟ System ଗଠନକୁ ପରିବର୍ତ୍ତନ କରିପାରିବ ।

## ୨.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଏକ ନଥି କିମ୍ବା ଫୋଲ୍ଡ଼ରକୁ ଖୋଜିବା ପାଇଁ ବିଭିନ୍ନ ସୋପାନର ତାଲିକା ପ୍ରସ୍ତୁତ କର ।

୨. ନିମ୍ନଲିଖିତ ଗୁଡ଼ିକୁ ବର୍ଣ୍ଣନା କର ।

(କ) Recycle bin (ବର୍ଯ୍ୟ ଉପଯୋଗୀ ବାକ୍ସ)

(ଖ) Task bar (କାର୍ଯ୍ୟ ଦଣ୍ଡ)

(ଗ) Quitting a program (ପୋଗ୍ରାମ ବନ୍ଦ କରିବା)

(ଘ) File management in windows (windows ରେ ନଥି ପରିଚାଳନା)

୩. କମ୍ପ୍ୟୁଟରରୁ ନଥି କିମ୍ବା ଫୋଲ୍ଡ଼ର ହଟାଇବାର ସୋପାନ ଗୁଡ଼ିକ ଲେଖ ।

୪. କମ୍ପ୍ୟୁଟରରେ Software install କରିବାର ସୋପାନଗୁଡ଼ିକ କ'ଣ ।

୫. ନଥି କିମ୍ବା ଫୋଲ୍ଡ଼ରର ପୁନଃନାମକରଣ କରିବାକୁ ବିଭିନ୍ନ ସୋପାନ ଗୁଡ଼ିକ ଲେଖ ।

## ୨.୯. ପାଠଗତ ପ୍ରଶ୍ନାବଳୀର ଉତ୍ତର

୧. (କ) ଠିକ୍

(ଖ) ଭୁଲ୍

(ଗ) ଠିକ୍

୨. (କ) ଦକ୍ଷିଣ ମାଉସ ବୋତାମ

(ଖ) ଦକ୍ଷିଣ

(ଗ) ବୋତାମ

(ଘ) Hard disk

(ଙ) CTRL ବୋତାମ